# NATIONAL NEWS BULLETIN (ODIA)

**10 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପାକିସ୍ତାନ ସେନାର ବୈଷୟିକ ଭିତ୍ତିଭୂମି, ନିୟନ୍ତ୍ରଣକେନ୍ଦ୍ର, ରାଡାରସ୍ଥଳ ଏବଂ ଅସ୍ତ୍ରାଗାରକୁ ଲକ୍ଷ୍ୟ କରି ଭାରତୀୟ ସଶସ୍ତ୍ର ବାହିନୀର ଆକ୍ରମଣ ଜାରି

- ଭାରତ-ପାକିସ୍ତାନ ସାଂପ୍ରତିକ ପରିସ୍ଥିତି ନେଇ ଆମେରିକାର ପରରାଷ୍ଟ୍ର ସଚିବଙ୍କ ସହ  ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଆଲୋଚନା

- ୯ଟି ଡ୍ରୋନ୍ ପ୍ରତିରୋଧୀ ସିଷ୍ଟମ କ୍ରୟ କରିବାକୁ ପଞ୍ଜାବ କ୍ୟାବିନେଟ୍‌ରେ ନିଷ୍ପତ୍ତି

- ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ନେଇ ପ୍ରଥମ ପର୍ଯ୍ୟାୟ ଆଲୋଚନା ନୂଆଦିଲ୍ଲୀରେ ଅନୁଷ୍ଠିତ

ଏବଂ

- ବିଶ୍ୱସୁନ୍ଦରୀ ପ୍ରତିଯୋଗିତାର ୭୨ତମ ସଂସ୍କରଣ ହାଇଦ୍ରାବାଦରେ ଆଜିଠାରୁ ଆରମ୍ଭ

## ଅପରେସନ ସିନ୍ଦୂର

ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ସେନାସ୍ଥଳର ବୈଷୟିକ ଭିତ୍ତିଭୂମି, ନିୟନ୍ତ୍ରଣ କେନ୍ଦ୍ର, ରାଡାର ସ୍ଥଳ ଏବଂ ଅସ୍ତ୍ରାଗାରକୁ ଲକ୍ଷ୍ୟ କରି ଆକ୍ରମଣ କରୁଛି । ଇସଲାମାବାଦର ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ

ଏବଂ ଆକ୍ରମଣ ପରିପ୍ରେକ୍ଷୀରେ ଭାରତୀୟ ସେନା ଏହି ପଦକ୍ଷେପ ଗ୍ରହଣ କରୁଛି । ରଫିକ୍ୟୁ, ମୁରିଦ୍, ଚକ୍ଲାଲା, ରହିମୟାରଖାନ୍ ସହିତ ବିଭିନ୍ନ ଅଞ୍ଚଳରେ ଆକାଶମାର୍ଗରୁ ଆକ୍ରମଣ କରାଯାଇଛି । ଗଣମାଧ୍ୟମକୁ ଏ ସଂପର୍କରେ ଆଜି ବିସ୍ତୃତ ଭାବେ କର୍ଣ୍ଣେଲ ସୋଫିଆ କ୍ୟୁରେସି ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ସୂଚନା ଦେଇଛନ୍ତି । ପାକିସ୍ତାନ ସେନା ଆଗୁଆ କ୍ଷେତ୍ରଗୁଡ଼ିକୁ ଅଗ୍ରସର ହେଉଥିବା ଲକ୍ଷ୍ୟ କରାଯାଇଛି । ଭାରତୀୟ ସ୍ଥଳସେନା ମଧ୍ୟ ଏଥିପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି । ପାସୁର ଏବଂ ସିଆଲକୋଟ ବିମାନଘାଟିଗୁଡ଼ିକୁ ଭାରତୀୟ ସେନା ଟାର୍ଗେଟ୍ କରିଥିବା ସେ କହିଛନ୍ତି ।

**V/O**

**(Sophia Queresi)**

କର୍ଣ୍ଣେଲ କ୍ୟୁରେସି କହିଛନ୍ତି, ଭାରତର ପଶ୍ଚିମ ସୀମାନ୍ତ ଅଞ୍ଚଳରେ ପାକିସ୍ତାନ ସେନା ଡ୍ରୋନ୍, ଦୂରଗାମୀ ଲକ୍ଷ୍ୟଭେଦୀ ଅସ୍ତ୍ର, ଯୁଦ୍ଧ ଜେଟ୍ ଦ୍ୱାରା ଆକ୍ରମଣ ଜାରି ରଖିଛି । ତେବେ ପାକିସ୍ତାନ ସେନାର ଆକ୍ରମଣକୁ ଭାରତୀୟ ସେନାବାହିନୀ ବିଫଳ କରିବାରେ ସକ୍ଷମ ହୋଇଛି । ପାକିସ୍ତାନ ସେନା ଆକ୍ରମଣରେ ଉଧମପୁର, ଭୁଜ୍, ପଠାନ୍କୋଟ, ଭଟିଣ୍ଡା ଆଦି ଅଞ୍ଚଳର ବିମାନଘାଟି ଏବଂ ଉପକରଣ ସ୍ଥଳୀଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ବୋଲି କର୍ଣ୍ଣେଲ କ୍ୟୁରେସି କହିଛନ୍ତି । ସେ କହିଛନ୍ତି, ପଞ୍ଜାବ ବିମାନ ଘାଟିକୁ ଲକ୍ଷ୍ୟ କରି ଗତରାତିରେ ପାକିସ୍ତାନ ପକ୍ଷରୁ ଦ୍ରୁତଗାମୀ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ।

ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ଭାରତର ଏସ୍-୪୦୦ ବ୍ୟବସ୍ଥା ଏବଂ ସୁରତ୍‌ଗଡ଼ ଓ ଶୀର୍ଷା ବାୟୁସେନା ଘାଟି ନଷ୍ଟ ହୋଇଥିବା ନେଇ ପାକିସ୍ତାନ ମିଥ୍ୟା ପ୍ରଚାର କରୁଛି । ଏନେଇ ଶ୍ରୀ ମିଶ୍ରି ଗଣମାଧ୍ୟମକୁ ଏହାର ଚିତ୍ର ଉପସ୍ଥାପନ କରିଛନ୍ତି । ପାକିସ୍ତାନର ପ୍ରତ୍ୟେକ ଆକ୍ରମଣକୁ ଭାରତ ସଠିକ୍ ଜବାବ ଦେଉଛି ବୋଲି ସେ କହିଛନ୍ତି । ଭାରତୀୟ କ୍ଷେପଣାସ୍ତ୍ର ଆଫଗାନିସ୍ତାନରେ ମାଡ଼ ହୋଇଥିବା ନେଇ ପାକିସ୍ତାନର ଦାବିକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି । ଏ ସଂପର୍କରେ ଆଫଗାନ ସଂପୂର୍ଣ୍ଣ ଅବଗତ ରହିଛି । ଏହିପରି ମିଥ୍ୟା ଦାବି ମାଧ୍ୟମରେ ପାକିସ୍ତାନ ବିଶ୍ୱର ସମୁଦାୟ ନିକଟରେ ଭାରତର ଛବିକୁ ମଳିନ କରିବାକୁ ଅପଚେଷ୍ଟା ଚଳାଇଥିବା ସେ କହିଛନ୍ତି ।

**V/O (Vikram Mishri)**

---

# ଇଏଏମ୍-ୟୁଏସ୍ ଟକ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରିବିଓଙ୍କ ସହ ସାଂପ୍ରତିକ ସ୍ଥିତି ନେଇ ଆଲୋଚନା କରିଛନ୍ତି । ଭାରତ-ପାକିସ୍ତାନ ମଧ୍ୟରେ ସାଂପ୍ରତିକ ଉତ୍ତେଜନା ପରିସ୍ଥିତି ଏହି ଆଲୋଚନାର ଅଂଶ ରହିଥିଲା । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଏହି ସୂଚନା ଦେଇଛନ୍ତି । ଆମେରିକାର ବୈଦେଶିକ ବିଭାଗ ପ୍ରବକ୍ତା ଟାମି ବ୍ରୁଶ୍ କହିଛନ୍ତି, ଦୁଇଦେଶ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ମାଧମରେ ପରିସ୍ଥିତିର ସମାଧାନ କରିବାକୁ ଆଲୋଚନା ସମୟରେ ଶ୍ରୀ ରୁବିଓ ଗୁରୁତ୍ୱ ଦେଇଥିଲେ । ଏ କ୍ଷେତ୍ରରେ ଆମେରିକା ଆବଶ୍ୟକ ସହଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି ।

---

# ପଞ୍ଜାବ-କ୍ୟାବିନେଟ୍

ପଞ୍ଜାବ କ୍ୟାବିନେଟ୍ ୯ଟି ଡ୍ରୋନ୍ ପ୍ରତିରୋଧୀ ସିଷ୍ଟମ୍ କିଣିବାକୁ ନିଷ୍ପତ୍ତି ନେଇଛି। ଯାହାକୁ  ସୀମା ସୁରକ୍ଷା ବଳ ସହିତ ସମନ୍ୱୟ ରଖି ରାଜ୍ୟର ୬ଟି ସୀମାନ୍ତ ଜିଲ୍ଲାରେ ନିୟୋଜନ କରାଯିବ । ବିଶେଷକରି ନାର୍କୋ ଆତଙ୍କବାଦ ଉପରେ ଏହା ନଜର ରଖିବ । କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂ ମାନ୍ କହିଛନ୍ତି ଯେ ପଞ୍ଜାବ ସରକାର ଆତଙ୍କବାଦ ପୀଡ଼ିତ ଏବଂ ଯୁଦ୍ଧରେ ଆହତ ସାଧାରଣ ନାଗରିକଙ୍କୁ ତାଙ୍କର 'ଫରିସ୍ତେ ଯୋଜନା'ରେ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଅଧୀନରେ ଯେକୌଣସି ହସ୍ପିଟାଲରେ ସେମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ।

ସାଂପ୍ରତିକ ପରିସ୍ଥିତିର ସମୀକ୍ଷା ଏବଂ ରାସନ ଷ୍ଟକ୍ ଉପଲବ୍ଧ ସମେତ ସମସ୍ତ କ୍ଷେତ୍ରରେ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ଏହି କ୍ୟାବିନେଟ୍ ବୈଠକ ଡକାଯାଇଥିଲା । କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ମନ୍ତ୍ରୀମାନେ ସୀମାନ୍ତ ଅଞ୍ଚଳ ପରିଦର୍ଶନ କରିବେ । ସେମାନେ ଏହି ସମୟରେ ଆବଶ୍ୟକୀୟ ସାମଗ୍ରୀର ପର୍ଯ୍ୟାପ୍ତ ଯୋଗାଣ ଉପରେ ମଧ୍ୟ ଲକ୍ଷ୍ୟ ରଖିବେ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି ।

---

# ଇଣ୍ଡିଆ-ନିଉଜିଲ୍ୟାଣ୍ଡ ଏଫ୍‌ଟିଏ

ଦ୍ୱିପାକ୍ଷିକ ବାଣିଜ ଏବଂ ନିବେଶ ସଂପର୍କକୁ ସଂପ୍ରସାରିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତ-ନିଉଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା-ଏଫ୍‌ଟିଏ ପାଇଁ ପ୍ରଥମ ପର୍ଯ୍ୟାୟ ଆଲୋଚନା

ନୂଆଦିଲ୍ଲୀରେ ସଫଳତାର ସହିତ ଶେଷ ହୋଇଛି । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ କହିଛି, ପ୍ରଥମ ପର୍ଯ୍ୟାୟ ଆଲୋଚନା ପରେ ଉଭୟ ଅଂଶୀଦାରଙ୍କ ମଧ୍ୟରେ ଏକାଧିକ ଭର୍ଚୁଆଲ୍ ଆଲୋଚନା ହୋଇଥିଲା । ଏହା ବ୍ୟକ୍ତିଗତ ବୈଠକ ପାଇଁ ମୂଳଦୁଆ ପକାଇଥିଲା ।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ସାମଗ୍ରୀ ସେବା ବାଣିଜ୍ୟ, ବାଣିଜ୍ୟ ସୁବିଧା ଏବଂ ଅର୍ଥନୈତିକ ସହଯୋଗର ପାରସ୍ପାରିକ ଲାଭଦାୟକ କ୍ଷେତ୍ର ସମେତ ଏଫ୍‌ଟିଏର ସମସ୍ତ କ୍ଷେତ୍ରରେ ଗଠନମୂଳକ ଆଲୋଚନା ହୋଇଥିଲା । ସେହିଭଳି ପାରସ୍ପରିକ ଲାଭପ୍ରଦ, ସନ୍ତୁଳିତ ଏବଂ ନିରପେକ୍ଷ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ଦିଗରେ ଉଭୟ ଅଂଶୀଦାରଙ୍କ ମଧ୍ୟରେ ରହିଥିବା ଗୁରୁତ୍ୱକୁ ଏହି ବୁଝାମଣା ବିଶେଷ ଦୃଷ୍ଟି ଦେଉଛି । ଉଭୟ ଦେଶ ଏକ ଭବିଷ୍ୟତ ପ୍ରସ୍ତୁତ ଢାଞ୍ଚା ଦିଗରେ କାର୍ଯ୍ୟ କରିବା ସହିତ ଚଳିତବର୍ଷ ଏଫ୍‌ଟିଏକୁ ଶେଷ କରିବା ପାଇଁ ସେମାନଙ୍କର ସାଧାରଣ ଦୃଷ୍ଟିକୋଣ ଏବଂ ପାରସ୍ପରିକ ବୁଝାମଣାକୁ ଦୋହରାଇଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ଚଳିତବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବ । ନିକଟ ଅତୀତରେ ଦ୍ୱିପାକ୍ଷିକ ବାଣିଜ୍ୟିକ ସଂପର୍କ ମଧ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ଦୁଇଦେଶ ମଧ୍ୟରେ ମୋଟ୍ ବାଣିଜ୍ୟ କାରବାର ୨୦୨୪-୨୫ରେ ୧୩୦ କୋଟି ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକବର୍ଷ ତୁଳନାରେ ୪୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ରେକର୍ଡ କରିଛି ।

ଏଫ୍‌ଟିଏ ଦ୍ୱାରା ବାଣିଜ୍ୟ ଏବଂ ନିବେଶ ସମ୍ଭାବନା ଆହୁରି ବୃଦ୍ଧି ପାଇବ । ଯୋଗାଣ ଶୃଙ୍ଖଳର ସମନ୍ୱୟରେ ଉନ୍ନତି ଆସିବା ସହିତ ଉଭୟ

ପକ୍ଷ ବ୍ୟବସାୟ ପାଇଁ ଏକ ପରିବର୍ତ୍ତନଶୀଳ ବାଣିଜ୍ୟ ପରିବେଶ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

## ତେଲଙ୍ଗାନା-ମିସ୍‌ୱାର୍ଲଡ

ହାଇଦ୍ରାବାଦରେ ଆଜି ସନ୍ଧ୍ୟାରେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ୭୨ତମ ସଂସ୍କରଣର ଉଦ୍‌ଘାଟନ ହେବ  ଏହି ଉତ୍ସବ ହାଇଦ୍ରାବାଦର ଗାଚିବାଓଲି ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ୩ ସପ୍ତାହ ଧରି ଚାଲିଥିବା ଜାମ୍ବରୀର ଆରମ୍ଭ ସହିତ ସମଗ୍ର ତେଲଙ୍ଗାନାରେ ସୌନ୍ଦର୍ଯ୍ୟ, ସଂସ୍କୃତି ଏବଂ ସାମାଜିକ ଉଦ୍ଦେଶ୍ୟକୁ ମିଶ୍ରଣ କରିବାର ବାର୍ତ୍ତା ଦେଇଥାଏ ।

ପ୍ରଥମଥର ପାଇଁ ଯେକୌଣସି ଦେଶ ଲଗାତାର ୨ ବର୍ଷ ଧରି ଏହି ପ୍ରତିଯୋଗିତା ଆୟୋଜନ କରିଆସୁଛି । ଗତବର୍ଷ ମାର୍ଚ୍ଚମାସରେ ମୁମ୍ବାଇଠାରେ ଅନୁଷ୍ଠିତ ୭୧ତମ ସଂସ୍କରଣ ପରେ ମିସ୍‌ୱାର୍ଲଡର ସିଇଓ ଜୁଲିଆ ମୋର୍ଲି ଚଳିତବର୍ଷ ଫେବୃୟାରୀ ମାସରେ ତେଲଙ୍ଗାନାରେ ଏହି ପ୍ରତିଯୋଗିତା ଆୟୋଜନ କରିବାର ନିଷ୍ପତ୍ତି ଘୋଷଣା କରିଥିଲେ । ଏହା ସଂପ୍ରଦାୟକୁ ସଶକ୍ତ କରିବା, ବିବିଧତା ପାଳନ କରିବା ଏବଂ ଗୋଟିଏ ଉଦ୍ଦେଶ୍ୟ ସହିତ ସୌନ୍ଦର୍ଯ୍ୟ ପ୍ରତି ପ୍ରତିବଦ୍ଧତା ମାଧ୍ୟମରେ ସ୍ଥାୟୀ ପ୍ରଭାବ ପଡ଼ିବ ବୋଲି ସେ କହିଥିଲେ ।

ତେଲଙ୍ଗାନା ପର୍ଯ୍ୟଟନ ବିଭାଗ ଏହି କାର୍ଯ୍ୟକ୍ରମ ପାଇଁ ବିସ୍ତୃତ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି । ଏଥିରେ ପ୍ରତିଯୋଗୀମାନେ ହାଇଦ୍ରାବାଦ ବାହାରକୁ ଭ୍ରମଣ କରି ୱାରଙ୍ଗଲ୍, ପୋଚମପାଲି, ବୁଦ୍ଧବନମ୍,

ଯାଦାଗିରିକୁତା ଏବଂ ମହାବୁବନଗରର ସାଂସ୍କୃତିକ ଏବଂ ଐତିହାସିକ ସ୍ଥଳୀକୁ ବୁଲି ଦେଖିବେ । ହାଇଦ୍ରାବାଦର ପ୍ରମୁଖ ଆକର୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଚଳିତମାସର ୧୩ ତାରିଖରେ ଚାର୍ମିନାର ଏବଂ ଲାଲ୍‌ବଜାର ଦେଇ ଏକ ଐତିହାସିକ ପଦଯାତ୍ରା ଅନୁଷ୍ଠିତ ହେବ ।

ପ୍ରତିଯୋଗୀମାନେ ଏଆଇଜି ହସ୍ପିଟାଲ ପରିଦର୍ଶନ କରିବା ସହିତ ସୁରକ୍ଷା ଏବଂ ପର୍ଯ୍ୟଟନ ବିଷୟରେ ଜାଣିବା ପାଇଁ ତେଲଙ୍ଗାନା ପୋଲିସ୍ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ରକୁ ମଧ ପରିଦର୍ଶନ କରିବେ । ଏହି ପ୍ରତିଯୋଗିତାମୂଳକ ପର୍ଯ୍ୟାୟଗୁଡ଼ିକ ଚଳିତମାସର ୨୦ ତାରିଖରେ କଣ୍ଟିନେଣ୍ଟାଲ୍ ଫିନାଲ୍ ସହ ଆରମ୍ଭ ହେବ ଏବଂ ୨୨ ତାରିଖରେ ଶିଳ୍ପକଳା ବେଦିକାରେ ପ୍ରତିଭା ଫିନାଲେ ଅନୁଷ୍ଠିତ ହେବ ।

ସୂଚନାଯୋଗ୍ୟ, ତେଲଙ୍ଗାନା ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ଜୁନ୍ ୨ ତାରିଖରେ ରାଜଭବନରେ ତେଲଙ୍ଗାନାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଆନୁଷ୍ଠାନିକ ବୈଠକରେ ଏହି ଯାତ୍ରା ଶେଷ ହେବ ।

---

# ସୋନଓ୍ୱାଲ-ମାରିଟାଇମ୍ ପ୍ରୋଜେକ୍ଟସ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ମୁମ୍ବାଇରେ ବିଭିନ୍ନ ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ । ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ପ୍ରମୁଖ ସାମୁଦ୍ରିକ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ । ବ୍ୟବସାୟ ସ୍ୱାଭାବିକ ରହିବା ସହିତ ଏହାକୁ ନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ସୋନଓ୍ୱାଲ ସାମଗ୍ରୀ ପରିବହନର ସୁଗମ ଏବଂ

ନିୟମିତ ପରିବହନକୁ ସୁନିଶ୍ଚିତ କରିବା ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ ।

ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରମୁଖ ସଂଗଠନଗୁଡ଼ିକ ଯେଉଁଥିରେ ଭାରତୀୟ ଜାହାଜ ନିଗମ, ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣ, ଭାରତୀୟ ବନ୍ଦର, ରେଳ ଏବଂ ରୋପ୍‌ୱେ କର୍ପୋରେସନ ଲିମିଟେଡ୍, ଇଣ୍ଡିଆନ୍ ପୋର୍ଟ ଗ୍ଲୋବାଲ୍ ଲିମିଟେଡ୍, ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ଏବଂ ମୁମ୍ବାଇ ବନ୍ଦର ପ୍ରାଧିକରଣ ପ୍ରଭୃତି ଏଥିରେ ସାମିଲ ଥିଲେ ।

ସେହିପରି କେନ୍ଦ୍ରମନ୍ତ୍ରୀ ଗୁଜରାଟର ଲୋଥାଲ୍‌ରେ ଜାତୀୟ ସାମୁଦ୍ରିକ ଐତିହ୍ୟ କଂପ୍ଲେକ୍ସ-ଏନ୍.ଏମ୍.ଏଚ୍.ସି.ର ଅଗ୍ରଗତିର ମଧ୍ୟ ସମୀକ୍ଷା କରିଥିଲେ । ଭାଦବନରେ ଗ୍ରୀନ୍‌ଫିଲ୍‌ଡ ମେଗା ବନ୍ଦର ପ୍ରକଳ୍ପର ସମୀକ୍ଷା ସହିତ ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଉନ୍ମେଷ ୱାଘ୍ ଏବଂ ବରିଷ୍ଠ ଅଧିକାରୀଗଣଙ୍କ ସହିତ ସମୀକ୍ଷା କରିଥିଲେ । ତେବେ ଭାରତକୁ ବିଶ୍ୱସାମୁଦ୍ରିକ ନେତା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ ବନ୍ଦରର ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

---